# ନିରୋଳା ସଞ୍ଜେ ପଚାରିଲ ଦିନେ...

ନିରୋଳା ସଞ୍ଜେ ପଚାରିଲ ଦିନେ
କୁହ ପ୍ରିୟତମ କୁହ
ମୋ ଆଖିରେ ଅବା କେଉଁ ଛବି ଦେଖି
ତମେ ମତେ ଭଲପାଅ ?

ସେତେବେଳେ ତମ ଅଙ୍ଗୁଳି ମୋର
ଛାତି ଛୁଇଁ ଯାଉଥିଲା
ମୋ ହାତ ପରଶେ କେଶ ରାଶି ତମ
ଢେଉ ପରି ଖେଳୁଥିଲା।
ନୀରବରେ ମୁଁ ବା କହୁଥିଲି କିଛି
ଯାହା ତୁମେ ବୁଝିଯାଅ-
ମୋ ଆଖିରେ ଅବା କେଉଁ ଛବି ଦେଖି
ତମେ ମତେ ଭଲପାଅ ?

ଏଇ ନୀରବତା ଭଲ ଲାଗେ ଖାଲି
ତମେ ଥିବ ମତେ ଚାହିଁ
ଆଖିରେ ଆଖିରେ ଯେତେ କଥା-ଭାଷା
ଶବ୍ଦ ତ ଲୋଡ଼ା ନାହିଁ।
ମୁଁ ଯେ ଛୁଏଁ ତୁମ ଶୁଦ୍ଧ ଅନ୍ତର
ତମେ ମୋତେ ଛୁଇଁଯାଅ-
ମୋ ଆଖିରେ ଅବା କେଉଁ ଛବି ଦେଖି
ତମେ ମତେ ଭଲପାଅ ?

ପ୍ରଥମ ଦେଖାରେ ତମେ ଚାହିଁଥିଲ
ମୁଁ ତମକୁ ଚାହିଁଥିଲି
ଏତେ କୋଳାହଳ ଭିତରେ ତଥାପି
ମନେ ମନେ ବାଛି ନେଲି।
ତମେ ବି କେମିତି ବାଛି ନେଲ ମତେ
କିଏ ଜାଣିଥିଲା କୁହ ?
ମୋ ଆଖିରେ ଅବା କେଉଁ ଛବି ଦେଖି
ତମେ ମତେ ଭଲପାଅ ?

ଆଖି ବୁଜିନେଲି କାଳେ ତମ ପ୍ରଶ୍ନ
ଉତ୍ତର ଯିବି ପାଇ
ଦେଖିଲି ସଜନୀ ତମେ ମୋ ଆଶାର
ଆକାଶ ରହିଛ ଛାଇ।
କହିଲି ଶେଷରେ 'ମୁଁ ଯେ ନାଚାର
ତମେଇଁ ଉତ୍ତର ଦିଅ'
ମୋ ଆଖିରେ ଅବା କେଉଁ ଛବି ଦେଖି
ତମେ ମତେ ଭଲପାଅ ?

Email: rath.nilambar@gmail.com Web: www.nilambarrath.com